# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15 November – 2025

**********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ଚେତନାରେ ଜନଜାତିଙ୍କ ଗୌରବ ଏକ ଅବିଚ୍ଛେଦ୍ୟ ଅଙ୍ଗଭାବେ ପରିଣତ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ

– ଜନଜାତି ସମ୍ପ୍ରଦାୟର ଉନ୍ନତି ପାଇଁ ଗୁଜୁରାଟରେ ୯ ହଜାର ୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଶୁଭାରମ୍ଭ

- କେନ୍ଦ୍ର ଓ ରାଜ୍ୟ ସରକାର ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ

– ରାଉରକେଲାଠାରେ ରାଜ୍ୟସ୍ତରୀୟ ଭଗବାନ ବିର୍ସାମୁଣ୍ଡାଙ୍କର ଜୟନ୍ତୀ ଅବସରରେ କହିଲେ ମୁଖ୍ୟମନ୍ତ୍ରୀ

- ମୟୂରଭଞ୍ଜ’ ଶିମିଳିପାଳ ଜାତୀୟ ଉଦ୍ୟାନରେ ଆଜିଠାରୁ ଆରମ୍ଭ ହେଲା ବାଘ ଗଣନା

ଏବଂ

- ସମ୍ବଲପୁରଠାରେ ଦୁଇ ଦିନିଆ ରାଜସ୍ୱ ବିଭାଗ ଆର୍.ଡି.ସି.ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

Desk

# ପି.ଏମ୍. - ଗୁଜରାଟ ଭିଜିଟ୍

ଭାରତୀୟ ଚେତନାରେ ଜନଜାତିଙ୍କ ଗୌରବ ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ପରିଗଣିତ ହୋଇଆସୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଗୁଜରାଟର ନର୍ମଦା ଜିଲ୍ଲାର ଦେଦିଆପଡ଼ାରେ ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ  ଜୟନ୍ତୀ ଅବସରରେ ୯ ହଜାର ୭ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଶ୍ରୀ ମୋଦୀ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ଜନଜାତିଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସଶକ୍ତୀକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ସାବ୍ୟସ୍ତ ହେବ। ଶ୍ରୀ ମୋଦୀ କହିଛନ୍ତି, ଦେଶର ସମ୍ମାନ, ଆତ୍ମଗୌରବ, ସୁଶାସନ ସହ ଦେଶର ଜନଜାତି ସମ୍ପ୍ରଦାୟ ଅଙ୍ଗାଙ୍ଗୀଭାବେ ଜଡ଼ିତ। ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମାଜର ଅବଦାନ ଅବିସ୍ମରଣୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶ୍ରୀ ଗୋବିନ୍ଦ ଗୁରୁ ଚେୟାର ଆଦିବାସୀ ଭାଷା ପ୍ରୋତ୍ସାହନ କେନ୍ଦ୍ରରେ ଜନଜାତି ସମ୍ପ୍ରଦାୟଙ୍କୁ ବିଭିନ୍ନ ଉପଭାଷାଗୁଡ଼ିକର  ଅଧ୍ୟୟନ ଉପରେ ତାଲିମ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି...

**- V/O –**

BBSR/R

# ମୁଖ୍ୟମନ୍ତ୍ରୀ- ଜନଜାତି ଗୌରବ ଦିବସ

ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଉଭୟ  କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କହିଛନ୍ତି। ରାଉରକେଲାଠାରେ ଆୟୋଜିତ ସହିଦ ବିର୍ସାମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ 'ଜନଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଡ଼ିଥିଲେ।

**- V/O -**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭଗବାନ ବିର୍ସାମୁଣ୍ଡାଙ୍କ ଜନ୍ମ ଦିବସକୁ ସମଗ୍ର ଦେଶରେ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ'ରେ ବିଶ୍ୱାସ ରଖୁଥିବା ପ୍ରଧାନମନ୍ତ୍ରୀ ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନାର କାର୍ଯ୍ୟକାରୀ କରାଉଛନ୍ତି। ଜନଜାତି ଛାତ୍ରଛାତ୍ରୀଙ୍କ ସ୍କୁଲ୍ ଡ୍ରପଆଉଟ୍ ହ୍ରାସ କରିବା ପାଇଁ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଅର୍ଥରାଶି ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୯ ଶହ ୫୪ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଉରକେଲା ହନୁମାନବାଟିକା ଛକରୁ ପାୱାର ହାଉସ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସାମୁଣ୍ଡାଙ୍କ ନାମରେ ନାମିତ କରିଛନ୍ତି।

HS

# ଜନଜାତି ଗବେଷଣା–ବିର୍ସାମୁଣ୍ଡା ଜୟନ୍ତୀ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ, ସଂଘର୍ଷ, ସାହସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟରେ ସ୍ୱତନ୍ତ୍ର ପ୍ୟାଭିଲିୟନ, ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ସଂଘର୍ଷ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ କରାଯାଇଥିଲା।

N.rangpur/K.handi/BHK/Kendrapara/Nayagarh/Kandhamal/Deogarh

# ଜନଜାତୀୟ ଗୌରବ ଦିବସ

ଭଗବାନ ବିର୍ସାମୁଣ୍ଡାଙ୍କର ୧୫୦ତମ ଜୟନ୍ତୀକୁ ଆଜି ଦେଶ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରୁଛି । ଭଗବାନ ବିର୍ସାମୁଣ୍ଡା ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଅସାଧାରଣ ଓ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି।

କନ୍ଧମାଳ ଜିଲ୍ଲା ଫୁଲବାଣୀ କୋରୋନେସନ୍ ପଡ଼ିଆରେ ଜନଜାତୀୟ ଗୌରବ ସମାରୋହ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ପ୍ରମୁଖ

ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଯୋଗୁଁ ଆଦିବାସୀ ଭାଇଭଉଣୀମାନେ ଜମିପଟ୍ଟା ପାଇପାରିଛନ୍ତି ବୋଲି କହିଥିଲେ।

ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନଜାତୀୟ ଲୋକ ତାଙ୍କର ସଂସ୍କୃତି ଓ ଐତିହାସକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରିଛନ୍ତି ବୋଲି କହିଛନ୍ତି।

ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ କାକରାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଭଗବାନ ବିର୍ସାମୁଣ୍ଡା ଜନଜାତିଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ଥିଲେ ବୋଲି କହିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନଜାତି ବର୍ଗର ପ୍ରତିଭାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷର ସହିଦ୍ ସ୍ମୃତି ଭବନଠାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି।

କଳାହାଣ୍ଡି ଜିଲ୍ଲାସ୍ତରୀୟ ଉତ୍ସବରେ ସାଂସଦ ମାଳବିକା ଦେବୀ ଯୋଗଦେଇ ଭଗବାନ ବିର୍ସାମୁଣ୍ଡା ପ୍ରତିଭା ଓ ଗୌରବ ସମ୍ପର୍କରେ ଆଲୋଚନା କରିଥିଲେ ।

ନବରଙ୍ଗପୁର ଜିଲ୍ଲା ଡାବୁଗାଁଠାରେ ଆୟୋଜିତ ଉତ୍ସବରେ ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

Ganjam/SBLPUR/Koraput

## ଇକୋରିଟ୍ରିଟ୍

ବେଙ୍ଗାଲୁରୁଠାରେ ଆୟୋଜିତ ଓଡ଼ିଶା ପରବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ୬ଟି ସ୍ଥାନରେ ଇକୋରିଟ୍ରିଟ୍ ଶୁଭାରମ୍ଭ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଭାସୀ ଜରିଆରେ ସାତକୋଶିଆ, ହୀରାକୁଦ, ଭିତରକନିକା, ସୋନପୁର, ପୁଟ୍‌ସିଲ୍, ଦାରିଙ୍ଗିବାଡ଼ିଠାରେ ଏହି ପର୍ଯ୍ୟଟନୀସ୍ଥଳୀର ଆରମ୍ଭ କରିଛନ୍ତି ।

କୋରାପୁଟ ପୁଟ୍‌ସିଲଠାରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ବିଭିନ୍ନ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପର୍ଯ୍ୟଟକଙ୍କ ପାଇଁ ଇକୋରିଟ୍ରିଟ୍ ଆସନ୍ତା ଫେବୃଆରୀ ମାସ ପର୍ଯ୍ୟନ୍ତ ଖୋଲା ରହିବ । ପୁଟ୍‌ସିଲରେ ପଞ୍ଚତାରକା ହୋଟେଲର ସୁବିଧା ସହିତ ୨୫ଟି ସୁଟ୍ ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି ।

ସମ୍ବଲପୁରର ବଲବସପୁରଠାରେ ହୀରାକୁଦ ଇକୋରିଟ୍ରିଟ୍ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ନାଉରୀ ନାଏକ ଏବଂ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ କହିଛନ୍ତି, ଏଠାରେ ପର୍ଯ୍ୟଟକମାନେ ବିଳାସପୂର୍ଣ୍ଣ ହୋଟେଲର ମଜା ନେବା ସହ ପାରାସେଲିଂ ସହ ହୀରାକୁଦ ଜଳଭଣ୍ଡାରରେ ବୋଟିଂ ଏବଂ ଦର୍ଶନୀୟ ସ୍ଥାନ ବୁଲି ପାରିବେ ।

ଗଞ୍ଜାମ ଜିଲ୍ଲା ସୋନପୁରଠାରେ ଆୟୋଜିତ ଇକୋରିଟ୍ରିଟ୍ ଉଦ୍‌ଘାଟନ ଉତ୍ସବରେ ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ ।

Desk

## ଶିମିଳିପାଳ

ମୟୁରଭଞ୍ଜ ଶିମିଳିପାଳ ଜାତୀୟ ଉଦ୍ୟାନରେ ଆଜିଠାରୁ ବାଘଗଣନା ଆରମ୍ଭ ହୋଇଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ସୂଚନା ଅନୁସାରେ, ଦୁଇଟି ପର୍ଯ୍ୟାୟରେ ଗଣନା କାର୍ଯ୍ୟ କରାଯିବ । ପ୍ରଥମ ପର୍ଯ୍ୟାୟରେ ମାଂସାସୀ ଏବଂ ତୃଣଭୋଜି ପ୍ରାଣୀଙ୍କ ସର୍ଭେ ସହ ପକ୍ଷୀ ଗଣନା କରାଯିବ । ଶିମିଳିପାଳ ଦକ୍ଷିଣ ଡିଭିଜନରେ ପ୍ରଥମ ପର୍ଯ୍ୟାୟ ଅଭ୍ୟାସ ୧୦୩ଟି ବିଟ୍‌ରେ ଆରମ୍ଭ ହୋଇଛି । ଗଣନା କାର୍ଯ୍ୟରେ ତାଲିମ ପ୍ରାପ୍ତ ଅଧିକାରୀଙ୍କ ସହ ବିଭିନ୍ନ ରେଞ୍ଜ୍‌ର କର୍ମଚାରୀମାନେ ସାମିଲ ହୋଇଛନ୍ତି । ତୃତୀୟ ପର୍ଯ୍ୟାୟରେ ବ୍ୟାଘ ସଂରକ୍ଷଣର ୧୩୨୧ ଗ୍ରୀଡ୍‌ରେ ବ୍ୟାପକ କ୍ୟାମେରା ଟ୍ରାପିଂ ଅଭ୍ୟାସ ଆରମ୍ଭ ହେବା ନେଇ ଜଣାପଡ଼ିଛି ।

Sambalpur

## ଆର୍‌ଡିସି କର୍ମଶାଳା

ସମ୍ବଲପୁରରେ ଦୁଇଦିନିଆ ରାଜସ୍ୱ ବିଭାଗର ଆର୍.ଡି.ସି. ସ୍ତରୀୟ ସମ୍ମିଳନୀ ଓ କର୍ମଶାଳା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ଜମି ରେଜିଷ୍ଟ୍ରେସନ୍ ପୁନର୍ବାସ ଥଇଥାନ ଏବଂ ରାଜସ୍ୱ ଆଇନରେ ସରଳୀକରଣ କରାଯାଇଛି । ସ୍ୱଚ୍ଛତାର ସହ କାମ କରିବା ଏବଂ ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । କର୍ମଶାଳାରେ ସମ୍ବଲପୁର ଆରଡିସି ଅଧୀନରେ ଥିବା ୧୨ଟି ଜିଲ୍ଲାର ଅଧିକାରୀମାନେ ଯୋଗ ଦେଇଥିଲେ । ଜନସାଧାରଣଙ୍କ ପାଖରେ ରାଜସ୍ୱ ସେବା ଶୀଘ୍ର ପହଁଞ୍ଚିବା ସମ୍ପର୍କରେ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

Nayagarh

## ପ୍ରାଣୀ ସମ୍ପଦ ମେଳା

ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦ ତଳମଣିନାଗ ପୀଠ ପରିସରରେ ବ୍ଲକସ୍ତରୀୟ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ବିଧାନସଭାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରାଣୀ ସମ୍ପଦର ବିକାଶ ଓ ଚାଷୀମାନଙ୍କର ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ରଣପୁର ବ୍ଲକର ୭୪୦ ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ୪ ଜଣ ଶ୍ରେଷ୍ଠ ପଶୁପାଳକ ଓ ୪ ଜଣ ମତ୍ସ୍ୟଚାଷୀଙ୍କୁ ସମ୍ମାନିତ କରାଯାଇଥଲା ।

Boudh

# ଏକତ ପଦଯାତ୍ରା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ହେବାକୁ ଥିବା ଏକତା ପଦଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୮ ତାରିଖ ଦିନ ବୌଦ୍ଧ ଭୈରବୀ ମନ୍ଦିରଠାରୁ ପଦଯାତ୍ରା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି ।

Boudh

# ଆର୍ଥିକ ସାକ୍ଷରତା ଶିବିର

ବୌଦ୍ଧ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ପକ୍ଷରୁ ସାମ୍ପୋଚ ଗ୍ରାମଠାରେ ଡାକମେଳା, ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅର୍ନ୍ତଭୁକ୍ତୀକରଣ ଶିବିର ଆୟୋଜିତ ହୋଇଯାଇଛି । ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଦ୍ୱାରା ଦିଆଯାଉଥିବା ସେବା ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା । ଡିଜିଟାଲ ଠକେଇଠାରୁ ଦୂରେଇ ରହିବା ପାଇଁ ଅତିଥିମାନେ ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।